## କେଉଁସବୁ କାର୍ଯ୍ୟକଳାପକୁ ନେଇ ରାଗିଂ ଗଠିତ?

ନିମ୍ନଲିଖିତ କୌଣସି ଗୋଟିଏ କିମ୍ବା ତତୋଧିକ କାର୍ଯ୍ୟକୁ ନେଇ ରାଗିଂ ର ସୃଷ୍ଟି:

a) କୌଣସି ଜଣେଛାତ୍ର ବା ଏକାଧିକ ଛାତ୍ରଙ୍କ ଦ୍ୱାରା କଥିତ ବା ଲିଖିତ ଶବ୍ଦ ଦ୍ୱାରା କୌଣସି ଆଚରଣ ବା କୌଣସି କାର୍ଯ୍ୟ ଯାହାର ପ୍ରଭାବ ପରିହାସଜନକ ହୋଇଥାଏ କିମ୍ବା କୌଣସି ନବାଗତ ଛାତ୍ର କିମ୍ବା ଅନ୍ୟ କୌଣସି ଛାତ୍ରଙ୍କୁ ରୁକ୍ଷତା ବା ଉଦ୍ଧତାମୀ ସହ ବ୍ୟବହାର ପ୍ରଦର୍ଶନ କରିବାଜନିତ ହୋଇଥାଏ |

b) କୌଣସି ଜଣେଛାତ୍ର ବା ଏକାଧିକ ଛାତ୍ରଙ୍କ ଦ୍ୱାରା ଗୁଣ୍ଡାମୀ ବା ବିଶୃଙ୍ଖଳିତ କାର୍ଯ୍ୟକଳାପରେ ଜଡ଼ିତ ହେବା ଯାହା କୌଣସି ନବାଗତ ଛାତ୍ର କିମ୍ବା ଅନ୍ୟ କୌଣସି ଛାତ୍ରଙ୍କଠାରେ ଏହାର ପ୍ରଭାବ ସ୍ୱରୂପ ବିରକ୍ତିଭାବ, କଷ୍ଟ, ଶାରୀରିକ ବା ମାନସିକ ଆଘାତ ସୃଷ୍ଟି କରିଥାଏ ବା ସୃଷ୍ଟିକରିବା ସମ୍ଭାବନାର କାରଣ ହୋଇଥାଏ କିମ୍ବା କୌଣସି ନବାଗତ ଛାତ୍ର କିମ୍ବା ଅନ୍ୟ କୌଣସି ଛାତ୍ରଙ୍କଠାରେ ସେଭଳି ହେବାର ଭୟ ବା ଆଶଙ୍କା ସୃଷ୍ଟି କରିଥାଏ |

c) କୌଣସି ଛାତ୍ରଙ୍କୁ ଏଭଳି କାମ କରିବାକୁ କହିବା ଯାହା ସେଭଳି ଛାତ୍ର ସାଧାରଣ ପରିସ୍ଥିତିରେ ସେଭଳି କାମ କେବେହେଲେ କରିନଥାନ୍ତେ ଏବଂ ଯାହାର ପ୍ରଭାବ ସ୍ୱରୂପ ଲଜ୍ୟା କିମ୍ବା କଷ୍ଟଦାୟକ କିମ୍ବା ଅଡୁଆ ଭାବର ସୃଷ୍ଟି ହୋଇଥାଏ ବା ତା'ର ସୃଷ୍ଟିର କାରଣ ଏପରିଭାବେ ହୋଇଥାଏ ଯେପରିକି ଏଭଳି କୌଣସି ନବାଗତ ଛାତ୍ର କିମ୍ବା ଅନ୍ୟ କୌଣସି ଛାତ୍ରଙ୍କୁ ଶାରୀରିକ ବା ମାନସିକ କ୍ଷେତ୍ରରେ ପ୍ରତିକୂଳାତ୍ମକ ପ୍ରଭାବ ପକେଇବ |

d) ଜଣେ ବରିଷ୍ଠ ଛାତ୍ରଙ୍କ ଦ୍ୱାରା କୌଣସି ଏକ କାର୍ଯ୍ୟ ଯାହା ଅନ୍ୟ କୌଣସି ଛାତ୍ର କିମ୍ବା ନବାଗତ ଛାତ୍ରଙ୍କ ନିୟମିତ ଏକାଡ଼େମିକ୍(ବିଦ୍ୟାଗତ) କାର୍ଯ୍ୟକଳାପରେ ପ୍ରତିରୋଧ, ବାଧା କିମ୍ବା ବିଶୃଙ୍ଖଳା ସୃଷ୍ଟି କରିଥାଏ |

e) ଜଣେ ବ୍ୟକ୍ତିଗତ କିମ୍ବା ଛାତ୍ରମାନଙ୍କ ଗୋଷ୍ଠୀକୁ ନ୍ୟସ୍ତ କରାଯାଇଥିବା କୌଣସି ଏକାଡ଼େମିକ୍ କାମକୁ ସମ୍ପୂର୍ଣ୍ଣ କରିବାପାଇଁ ନବାଗତ ଛାତ୍ର କିମ୍ବା ଅନ୍ୟ କୌଣସି ଛାତ୍ରଙ୍କର ସେବାକୁ ଶୋଷଣ କରିବା |

f) ଛାତ୍ରମାନଙ୍କଦ୍ୱାରା ଜଣେ ନବାଗତ କିମ୍ବା ଅନ୍ୟକୌଣସି ଛାତ୍ରଙ୍କ ଉପରେ ବଳପୂର୍ବକ ଖର୍ଚ୍ଚ ବୋଝ ଲଦିଦେବା କିମ୍ବା ବଳପୁର୍ବକ ଟଙ୍କା ଆଦାୟଜନିତ କୌଣସି ଏକ କାର୍ଯ୍ୟ |

g) ଶାରୀରିକ ନିର୍ଯ୍ୟାତନା ଜନିତ କୌଣସି ଏକ କାର୍ଯ୍ୟ ଓ ଏହାର ସମସ୍ତ ପ୍ରକାରଗୁଡ଼ିକୁ ଅନ୍ତର୍ଭୁକ୍ତ କରି: ଯୌନ ନିର୍ଯ୍ୟାତନା, ସମଲିଙ୍ଗି ସମ୍ଭୋଗ ପ୍ରବଣତାଜନିତ ଆଘାତ, ଶରୀର ଅନାବୃତ କରିବା, ଅଶ୍ଳୀଳ ଏବଂ ଅଭଦ୍ର କାର୍ଯ୍ୟ, ଭଙ୍ଗୀ ଇତ୍ୟାଦି କରିବାକୁ ବାଧ କରିବା ଯାହା ଶାରୀରିକ ଆଘାତ କିମ୍ବା ସ୍ୱାସ୍ଥ୍ୟକୁ କିମ୍ବା ବ୍ୟକ୍ତିବିଶେଷଙ୍କୁ ଅନ୍ୟକୌଣସି ବିପଦର କାରକ ହୋଇଥଏ |

h) କଥିତ ଶବ୍ଦ, ଇମେଲ୍, ପୋଷ୍ଟ୍, ଜନସାଧାରଣଗତ ଅପମାନ ଦ୍ୱାରା କୌଣସି କାର୍ଯ୍ୟ ବା ଅପବ୍ୟବହାର ଯାହା ଜଣେ ନବାଗତ କିମ୍ବା ଅନ୍ୟ କୌଣସି ଛାତ୍ରଙ୍କୁ ଅସୁବିଧାରେ ପକେଇବାପାଇଁ ବା କଷ୍ଟଦେବାପାଇଁ ସକ୍ରିୟାତ୍ମକ ଭାବେ ହେଉ ବା ନିଷ୍କ୍ରିୟାତ୍ମକଭାବେ ଅଂଶଗ୍ରହଣ କରିବା ଯୋଗୁଁ ମିଳୁଥିବା ଭ୍ରଷ୍ଟ ଆନନ୍ଦ, ପରାର୍ଥ କିମ୍ବା ପରପୀଡ଼କ ରୋମଞ୍ଚ ପ୍ରାପ୍ତି ମଧ୍ୟ ଅନ୍ତର୍ଭୁକ୍ତ କରେ |

i) ଜଣେ ଛାତ୍ରଙ୍କ ଦ୍ୱାରା ଅନ୍ୟ ଯେକୌଣସି ନବାଗତଙ୍କ ଉପରେ ଯେକୌଣସି କାର୍ଯ୍ୟ ଯାହା ପରପୀଡ଼ନଦାୟୀ ଆନନ୍ଦ ମିଳିବାରେ କିମ୍ବା ବଳ, କ୍ଷମତା କିମ୍ବା ଉଚ୍ଚମନ୍ୟତା ଦେଖେଇହେବା ଉଦ୍ଦ୍ୟେଶ୍ୟ ସହିତ ହେଉ ବା ନହେଉ, ଯାହା ଜଣେ ନବାଗତ କିମ୍ବା ଅନ୍ୟ କୌଣସି ଛାତ୍ରଙ୍କର ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମ-ବିଶ୍ୱାସକୁ ପ୍ରଭାବିତ କରୁଥାଏ |